## ରାଶନ ଦୋକାନରୁ ମଦ ଜବତ

ଦିଗପହଣ୍ଡି,(ଡି.ଏନ.ଏ.):ନକଲି ମଦ ବିକ୍ରି ଅଭିଯୋଗରେ ଦିଗପହଣ୍ଡି ପୋଲିସ ବୁଧବାର ସିଦ୍ଧେଶ୍ୱର ଗ୍ରାମ ଗଣିଆନାଳ ଛକର ରାଶନ ଦୋକାନୀ ସୁଶାନ୍ତ କୁମାର ରାଉତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୧୬୭/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ମଙ୍ଗଳବାର ଦିଗପହଣ୍ଡି ପୋଲିସ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ସୁଶାନ୍ତଙ୍କ ରାଶନ ଦୋକାନରେ ଚଢ଼ାଉ କରି ୯୬ ବିଦେଶୀ ମଦ ବୋତଲ ଏବଂ ୧୧୯ ଦେଶୀ ମଦ ପାଉଚ ସମେତ ମଦ ବିକ୍ରି କରି ପାଖରେ ରଖିଥିବା ୮୧୦ ଟଙ୍କା ଜବତ କରିଥିଲା। ସୁଶାନ୍ତଙ୍କୁ ପଚାରିବାରୁ ସେ ଦୀର୍ଘଦିନ ହେଲା ମଦ ବିକ୍ରି କରୁଥିବା ସ୍ୱୀକାର କରିଥିଲେ।

### ସଂକ୍ଷେପରେ

## ମାମଲା ପ୍ରତ୍ୟାହାର ନେଇ ଧମକ ଘଟଣା, ଜ୍ୱାଇଁ ଗିରଫ

ଗୋପାଳପୁର,୧୮।୫(ଡି.ଏନ.ଏ.)-ଶ୍ୱଶୁରଙ୍କୁ ମାମଲା ପ୍ରତ୍ୟାହାର କରିବା ପାଇଁ ଧମକ ଚମକ ଦେବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଜ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କନିଷି ଗ୍ରାମର ଏମ. ଦୁଃଖୀ। ଏହି ଥାନା ଅନ୍ତର୍ଗତ କନିଷି ଗ୍ରାମର ରାମେୟାଙ୍କ ଝିଅ ଏମ କୁମାରୀଙ୍କ ସହ ସେହି ଗ୍ରାମର ଦୁଃଖୀଙ୍କ ବିବାହ ହୋଇଥିଲା। ଗତ ଏପ୍ରିଲ ମାସରେ କୁମାରୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ରାମେୟା ଜ୍ୱାଇଁ ଓ ତାଙ୍କ ପରିବାର ମିଶି ମୋ ଝିଅକୁ ହତ୍ୟା କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେସ ନଂ. ୧୧୧/୨୧ରେ ପୋଲିସ ମାମଲା ରୁଜୁ କରି ଦଃଖୀଙ୍କୁ ଗିରଫ କରିଥିଲା। ଛଅ ମାସ ପରେ ଦୁଃଖୀ ଜାମିନରେ ଆସିଥିଲେ। ପରେ ରାମେୟା ଦେଇଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦୁଃଖୀ ଚାପ ପକାଇବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିଲେ। ଏ ନେଇ ରାମେୟା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ ନଂ. ୧୬୨/୨୨ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଗ୍ରାମରେ ଦୁଃଖୀ ବୁଲୁଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

## ନାବାଳିକା ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୮।୫ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍ସୋ ଜଜ୍ ଗୁରୁପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଜରଡ଼ା ଥାନା ଅଞ୍ଚଳର କମଳ ପ୍ରଧାନ(୩୨)। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୮ ରେ ଜରଡ଼ା ଥାନାରେ ଜଣେ ନାବାଳିକାଙ୍କୁ ଅପହରଣ କରି ଦୀର୍ଘଦିନ ଧରି ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୭୨/୧୭ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପରେ ଅଭିଯୁକ୍ତ କମଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ କମଳ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ। ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଇସ୍‌ମାଇଲ ମହମ୍ମଦ ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରତାରଣା ଅଭିଯୋଗରେ ରାଜମିସ୍ତ୍ରି ଗିରଫ

ବ୍ରହ୍ମପୁର ଅଫିସ,୧୮।୫-ଜଣେ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଦୁଷ୍ମନ୍ତ ଦାସ (୩୦)। ଉଭୟ ଯୁବତୀ ଓ ରାଜମିସ୍ତ୍ରିଙ୍କ ଡାକ୍ତରୀ ମାଇନା କରାଯାଇଛି। ନଂ. ୧୯୩/୨୨ରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଧାରା ୧୬୪ ରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଦୁଷ୍ମନ୍ତ ଜଣେ ରାଜମିସ୍ତ୍ରି। ସେ ନିର୍ମାଣ କରୁଥିବା ଗୃହ କାମରେ ଜଣେ ଯୁବତୀଙ୍କୁ ମଜୁରିଆ ଭାବେ ନିୟୋଜିତ କରିଥିଲେ। ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁଷ୍ମନ୍ତ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସେ ଯୁବତୀଙ୍କ ବାପଘରେ ମଧ ବହୁତ ଦିନ ମିଶି କରି ରହିଥିଲେ। ଯୁବତୀ ଜଣଙ୍କ ଦୁଷ୍ମନ୍ତଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ଦୁଷ୍ମନ୍ତ ବିବାହ କରିବିନାହିଁ ବୋଲି କହିବା ସହ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ନାନାପ୍ରକାର ଧମକଚମକ ଦେବା ସହ ଉକ୍ତ ଘରୁ ଚାଲି ଆସିଥିଲେ। ଦୁଷ୍ମନ୍ତ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଜାଣିବା ପରେ ଯୁବତୀ ଜଣକ ଏନେଇ ସଦର ଥାନାରେ ଏତଲା ଦେଇଥିଲେ।

# ବ୍ରହ୍ମପୁର ବଜାରରେ ବିହାର ଲିଚୁର ଚାହିଦା ଅଧିକ

ବ୍ରହ୍ମପୁର ଅଫିସ,୧୮।୫



ଜଣେ ବ୍ୟବସାୟୀ ଲିଚୁ ବିକ୍ରି କରୁଛନ୍ତି।

ରେଶମ ସହର ବ୍ରହ୍ମପୁରରେ ଗ୍ରୀଷ୍ମ ପ୍ରଭାବରେ ପ୍ରତିଦିନ ଉତ୍ତାପ ବଢ଼ୁଥିବାରୁ ପ୍ରବଳ ଗରମ ଅନୁଭୂତ ହେବା ସହ ପାରଦ ବଢ଼ିଚାଲିଛି। ଅନ୍ୟପଟେ ବଜାରରେ କିଛି ଦିନ ହେବ ପ୍ରବେଶ କରିଛି ଖରାଦିନିଆ ଫଳ ଲିଚୁ। ଲିଚୁରେ ପ୍ରବଳ ମାତ୍ରାରେ ଭିଟାମିନ ସି, ବି-୬, ନିୟାସିନ, ଫୋଲେଟ, ମ୍ୟାଗ୍ନେସିୟମ, ଫସ୍‌ଫରସ୍, ରାଇବୋଫ୍ଲୋବିନ ସମେତ ଅନେକ ପ୍ରକାର ପୋଷକ ତତ୍ତ୍ୱ ଥାଏ। ଯାହା ଶରୀରକୁ ଥଣ୍ଡା ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଥାଏ। ଏହି କାରଣରୁ ବଜାରରେ ଲିଚୁର ଚାହିଦା ସର୍ବଦା ଅଧିକ ରହିଥାଏ, କିନ୍ତୁ ଚଳିତ ବର୍ଷ ଚାହିଦା ଅପେକ୍ଷା ଲିଚୁ ଦର ଅହେତୁକ ବୃଦ୍ଧି ପାଇଥିବାରୁ ବିକ୍ରି କମ ହେଉଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ବଜାରରେ ବିକ୍ରି ହେଉଥିବା ଲିଚୁ ମୁଖ୍ୟତଃ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ,ବିହାର ଓ ଉତ୍ତରପ୍ରଦେଶରୁ ଅଧିକ ଆମଦାନୀ ହେବା ସହ ଓଡ଼ିଶାର ଫୁଲବାଣୀ ଓ ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଲିଚୁ ମଧ୍ୟ ବ୍ରହ୍ମପୁର ବଜାରରେ ଉପଲବ୍ଧ ହୋଇପାରୁଛି। କିନ୍ତୁ ବିହାରରୁ ଆମଦାନୀ ହେଉଥିବା ଲିଚୁ ଦେଖିବାକୁ ଆକର୍ଷଣୀୟ ଓ ବେଶ୍ ସ୍ୱାଦଯୁକ୍ତ ହୋଇଥିବାରୁ ଏହା କେଜି ପିଛା ସର୍ବାଧିକ ୧୬୦ ଟଙ୍କାରେ ବିକ୍ରି ହେବା ସହ ଏହାର ଚାହିଦା ରହିଛି। ବ୍ରହ୍ମପୁର ବଜାରରେ ବଡ଼ବଜାର, ସାନବଜାର ଛକ, ବିଭିନ୍ନ ଫଳ ଦୋକାନ ବ୍ୟତୀତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ରାସ୍ତା, ଅନ୍ନପୂର୍ଣ୍ଣା ବଜାରରେ ଲିଚୁ ବେଶି ପରିମାଣରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବିଗତ ବର୍ଷ ବଜାରରେ ଲିଚୁ କିଲୋ ପିଛା ୮୦ -୧୦୦ ଟଙ୍କା ଦରରେ ବିକ୍ରି ହେଉଥିବା ବେଳେ ଚଳିତ ବର୍ଷ ଦର ୧୩୦- ୧୬୦ ଟଙ୍କା ପ୍ରତି କିଲୋ ରହିଛି। ପୂର୍ବ ବର୍ଷମାନଙ୍କରେ ନିୟମିତ ପ୍ରାୟ ୫୦ରୁ ୭୦ କେଜି ଲିଚୁ ଦୈନିକ ଖୁଚୁରାରେ ବିକ୍ରି ହେଉଥିଲା। କିନ୍ତୁ ଚଳିତ ବର୍ଷ ମାତ୍ର ୨୦ରୁ ୩୦ କେଜି ବିକ୍ରି ହୋଇପାରୁଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଲିଚୁ ଦରବୃଦ୍ଧି ପାଇଛି ଯାହାଦ୍ୱାରା ଇଚ୍ଛା ଥିବା ସତ୍ତ୍ୱେ ଗ୍ରାହକ କିଣିବାକୁ ପଛଘୁଞ୍ଚା ଦେଉଥିବା ଖୁଚୁରା ବେପାରୀମାନଙ୍କଠାରୁ ପ୍ରକାଶ।

## ଘୋଡ଼ାହାଡ଼, କହ୍ନେଇନାଳ ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ଦାବି



ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ୍,୧୮।୫

ଦିଗପହଣ୍ଡି ଅଞ୍ଚଳରେ ଚାଷ ଜମିକୁ ପାଣି ଯୋଗାଇବା ଦାବି କରି ବୁଧବାର ଦିଗପହଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ବ୍ରହ୍ମପୁରସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଧରି ଘୋଡାହାଡ ଜଳ ପ୍ରକଳ୍ପ ହୋଇଥିଲେ ସୁଦ୍ଧା ପ୍ରକଳ୍ପର ପୁନରୁଦ୍ଧାର ଆବଶ୍ୟକତା ରହିଛି। ଏଥିସହ ଡ୍ୟାମ୍‌ରେ ଫାଟ ହୋଇଥିବାରୁ ଗଚ୍ଛିତ ଜଳ ନଦୀ ଗର୍ଭକୁ ଚାଲିଯାଉଛି। ଗ୍ରାମବାସୀ କହିଛନ୍ତି, ଦିଗପହଣ୍ଡି ଅଞ୍ଚଳରେ ୨୪୮୩୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ଓ ୧୦ ହଜାର ହେକ୍ଟର ଜମିରେ ଅଣଧାନ ଯଥା କପା,ପନିପରିବା ଓ ଚିନାବାଦାମ ଚାଷ ହୋଇଥାଏ। କିନ୍ତୁ ଚଳିତ ବର୍ଷ ପାଣି ଅଭାବରୁ ଚାଷୀକୁଳ ହତାଶ ହୋଇପଡିଛନ୍ତି। ଏଣୁ ଡ୍ୟାମ ନିର୍ମାଣ କରିବା ସହ ଚାଷ ଜମିକୁ ପାଣି ଯୋଗାଣ ପାଇଁ ଦାବି ହୋଇଛି। ସେହିଭଳି ବେଲଘର କହ୍ନେଇନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷ ଜମିକୁ ପାଣି ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। କହ୍ନେଇନାଳର ପୁନରୁଦ୍ଧାର ହେବା ଦ୍ୱାରା ଦିଗପହଣ୍ଡି ବ୍ଲକର ବହୁ ଚାଷୀ ଉପକୃତ ହୋଇପାରିବେ। ଏଣୁ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଶ୍ରୀକାନ୍ତ ପାଢୀ, ସିପ୍ରା ରାଣୀ ତ୍ରିପାଠୀ, ରଘୁନାଥ ଗୌଡ ଓ ରମେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ୯ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର ଅଫିସ,୧୮।୫

ଚଳିତ ବର୍ଷ ନବମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ମୋଟ ୩୪୪ ଛାତ୍ରୀଛାତ୍ର ନବମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ । ଏଥିମଧ୍ୟରୁ ଏ-୧ ଗ୍ରେଡ୍ ଅର୍ଥାତ୍ ୯୦%ରୁ ଉର୍ଦ୍ଧ୍ୱରେ ୯୯ ଜଣ, ଏ-୨ ଗ୍ରେଡ୍ ଅର୍ଥାତ୍ ୮୦%ରୁ ଉର୍ଦ୍ଧ୍ୱରେ ୨୦୨ , ବି-୧ ଗ୍ରେଡ୍ ଅର୍ଥାତ୍ ୭୦%ରୁ ଉର୍ଦ୍ଧ୍ୱରେ ୩୯, ବି-୨ ଗ୍ରେଡ୍ ଅର୍ଥାତ୍ ୬୦%ରୁ ଉର୍ଦ୍ଧ୍ୱରେ ୩ ଜଣ ଏବଂ ସି-ଗ୍ରେଡ୍ ଅର୍ଥାତ୍ ୫୦%ରୁ ଉର୍ଦ୍ଧ୍ୱରେ ଜଣେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି। ସେଥିରୁ ବିଶ୍ୱସ୍ୱରୂପ ପାଢ଼ୀ ୫୮୨ ମାର୍କ (୯୭%) ରଖି ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅନିଷ କୁମାର ବେହେରା, ଦେବାଶିଷ ରଥ ୫୮୦ ମାର୍କ (୯୬.୬୬%), ତୃତୀୟ ସ୍ଥାନରେ ଆଲିଶା ଶତପଥୀ ୫୭୯ ମାର୍କ (୯୬.୫%), ଚତୁର୍ଥ ସ୍ଥାନରେ ଯୋଗଜନ୍ମା ପାଣିଗ୍ରାହୀ ୫୭୩ ମାର୍କ (୯୫.୫%), ପଞ୍ଚମ ସ୍ଥାନରେ କ୍ଷୀରାବ୍ଧିତନୟା ପାଢ଼ୀ ୫୭୨ ମାର୍କ (୯୫.୩୩%), ଷଷ୍ଠ ସ୍ଥାନରେ ସ୍ୱୟଂପ୍ରଜ୍ଞା ତ୍ରିପାଠୀ ୫୭୧ ମାର୍କ, ଡି. କ୍ଷୀରୋଦ ଚନ୍ଦ୍ର, ସାଇସ୍ମିତା ଡାକୁଆ ୫୬୮ ମାର୍କ (୯୪.୬୬%), ଅଷ୍ଟମ ସ୍ଥାନରେ ହୃଷୀକେଶ ନାୟକ, ଏସ୍. ସାଇଦିବ୍ୟା ୫୬୬ ମାର୍କ (୯୪.୩୩%), ନବମ ସ୍ଥାନରେ ବିଷ୍ଣୁପ୍ରିୟା ସାହୁ ୫୬୩ ମାର୍କ (୯୩.୮୩%), ଦଶମ ସ୍ଥାନରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ଆୟେଶା କୁମାରୀ ସ୍ୱାଇଁ, ଅନିଶା ପାଣିଗ୍ରାହୀ, ସୁହାନୀ ପ୍ରିୟଦର୍ଶିନୀ ହୋତା ୫୬୨ ମାର୍କ (୯୩.୬୬%) ରଖିଛନ୍ତି । ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି. ଗଜପତି ରାଓ ଏବଂ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କୃତୀ ଛାତ୍ରୀଛାତ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଦୁଇ ପେସାଦାର ଅପରାଧୀ ଗିରଫ

ବ୍ରହ୍ମପୁର ଅଫିସ,୧୮।୫

### ୨ ବନ୍ଧୁକ, ଗୁଳି ଓ ଗାଡ଼ି ଜବତ




ଗିରଫ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ, ଗୁଳି ।

ବ୍ରହ୍ମପୁରର ଏସ୍‌ପି ଭାବେ ଡା. ଶ୍ରବଣ ବିବେକ ଏମ୍. ଯୋଗଦେବା ପରେ ପୋଲିସ ଜିଲାର ପେସାଦାର ଅପରାଧୀ ଓ ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସ ନଜର ରଖିଛି। ମଙ୍ଗଳବାର ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଇନ୍‌କମ ଟ୍ୟାକ୍ସ ଅଫିସ ନିକଟରେ ଦୁଇଜଣ ପେସାଦାର ଅପରାଧୀ ଏକତ୍ରିତ ହୋଇଥିବା ପୋଲିସ ଖବର ପାଇଥିଲା। ଅଭିଯୁକ୍ତମାନେ କୌଣସି ଜଣେ ବ୍ୟକ୍ତିଙ୍କୁ ଟାର୍ଗେଟ କରି ସେଠାରେ ଏକତ୍ରିତ ହୋଇଥିବା ଜଣାପଡ଼ିବା ପରେ ଗୋପାଳପୁର ପୋଲିସ ଚଢ଼ାଉ କରି ଆମ୍ବପୁଆର ଗଣେଶ ଓରଫ କାଳିଆ ରେଡ୍ଡୀ(୩୪) ଓ କହ୍ନେଇ ସେଠୀ (୩୧)ଙ୍କୁ କାବୁ କରିଥିଲା। ଥାନାରେ ସେମାନଙ୍କୁ ଜେରା ବେଳେ ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ, ୬ଟି ଗୁଳି, ଗୋଟିଏ ଗାଡ଼ି ଜବତ ହୋଇଛି ବୋଲି ବୁଧବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣ ଏନେଇ ସୂଚନା ଦେଇଛନ୍ତି। ଗଣେଶଙ୍କ ନାଁରେ ଗୋପାଳପୁର ଥାନାରେ ୯ଟି ସଙ୍ଗିନ ମାମଲା ରହିଥିବା ବେଳେ କହ୍ନେଇ ସେଠୀ ପଶ୍ଚିମବଙ୍ଗ ହୁଗୁଳିଠାରେ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ନିକଟରେ ସେ ଜାମିନରେ ମୁକୁଳିବା ପରେ ସେଠାରୁ ଫେରାର ହୋଇ ବ୍ରହ୍ମପୁର ଚାଲି ଆସିଥିଲେ ବୋଲି ସେ କହିଛନ୍ତି। ଏହି ଦୁଇ ଅଭିଯୁକ୍ତ ବନ୍ଧୁକ କେଉଁଠାରୁ ଆଣିଥିଲେ, ଏମାନଙ୍କୁ କିଏ ବନ୍ଧୁକ ଯୋଗାଣ କରୁଛି, ଏମାନେ କାହାକୁ ହତ୍ୟା ପାଇଁ ଯୋଜନା କରୁଥିଲେ ସେନେଇ ପୋଲିସ ଏବେ ତନାଘନା କରୁଛି। ଗୋପାଳପୁର ଥାନା ମାମଲା ନଂ. ୮୭/୨୨ରେ ଗଣେଶ ଓ କହ୍ନେଇଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଆବଶ୍ୟକ ହେଲେ ଏହି ଦୁଇ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବ ବୋଲି ମଧ୍ୟ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର, ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୈଳାସ ବାରିକ ହତ୍ୟା ଘଟଣା, ଫେରାର ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୧୮।୫(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ କୁଶଡ଼ିପା ଛକ ନିକଟରେ ୨୦୧୯ ଏପ୍ରିଲରେ ମଦ କାରବାରକୁ ନେଇ କୈଳାସ ବାରିକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ତିନିଜଣ ଗିରଫ ହୋଇଥିବା ବେଳେ ଭାକୁଡ଼ିହି ଗ୍ରାମର ଅନ୍ୟତମ ଅଭିଯୁକ୍ତ ମନୋଜ ପରିଡ଼ା ଫେରାର ଥିଲେ। ଖଲ୍ଲିକୋଟ ପିଏସ କେଶ ନଂ.୧୦୬/୧୯ରେ ମାମଲା ରୁଜୁ ହୋଇଥିଲା। ମନୋଜ ଗ୍ରାମକୁ ଆସିଥିବା ଖବର ପାଇ ପୋଲିସ ବୁଧବାର କୋର୍ଟଚାଲାଣ କରିଛି।

## ପଞ୍ଚାୟତ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ କାଶୀନଗର ଗସ୍ତ

କାଶୀନଗର,୧୮।୫

ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ଶାସନ ସଚିବ ମହେଶ୍ୱର ସ୍ୱାଇଁ କାଶୀନଗର ବ୍ଲକର ସିଧାମଡ଼ଙ୍ଗ, ଖାରଡ଼ା, ରାଣିପେଣ୍ଠ ଆଦି ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଥିଲେ। ଖାରଡ଼ାଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଉନ୍ନତମାନର ମାଛ ଜାଆଁଳ କେନ୍ଦ୍ର, ସିଲେଇ କେନ୍ଦ୍ର ରୂପାନ୍ତରିକରଣ, ସ୍କୁଲ, ପୋଖରୀ, ଜଳ ଯୋଗାଣ ଆଦି ପରିଦର୍ଶନ କରିଥିଲେ। ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ମହାରଣା, ସହକାରୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ବିପିଏମ ସମୀର କୁମାର ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ କାର୍ଯ୍ୟ ମଧ୍ୟ ସମୀକ୍ଷା କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ଜଳବିଦ୍ୟୁତ ପ୍ରକଳ୍ପର ଟନେଲ କାର୍ଯ୍ୟ ଦେଖିଲେ ଜନ ପ୍ରତିନିଧି

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

ଆର.ଉଦୟଗିରି ବ୍ଲକ ଛେଲିଗଡ଼ଠାରେ ଦୀର୍ଘ ବର୍ଷ ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ ଗତ କିଛିଦିନ ଧରି ଆରମ୍ଭ ହୋଇଛି। ପ୍ରକଳ୍ପ ନିମନ୍ତେ ପ୍ରଥମ କରି ଏକ ଶହ କୋଟି ଟଙ୍କାରେ ଆରମ୍ଭ ହୋଇଛି ଟନେଲ କାର୍ଯ୍ୟ। ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ତ ଅଧିକାରୀଙ୍କ ଆନ୍ତରିକତା ହେତୁ ଏହା ସୁଚାରୁରୂପେ ଦ୍ରୁତ ଗତିରେ ଚାଲୁଛି। ଶୀଘ୍ର ଶେଷ ହେବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଗତ କିଛିଦିନ ପୂର୍ବେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବ ଦୁହେଁ ଗସ୍ତ କରି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ସ୍ଥାନୀୟ ଲୋକଙ୍କ ଜମିକୁ ପ୍ରଥମ କରି ଜଳ ଯୋଗାଇ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଟାଣ କରାଯିବ ବୋଲି ଘୋଷଣା କରିଛନ୍ତି। ସେହି ଦୃଷ୍ଟିରୁ ଦ୍ରୁତ ଗତିରେ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ଟନେଲ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ସାମିଲ କରିବା ସହ ପ୍ରକଳ୍ପ ସମ୍ପର୍କରେ ସମ୍ୟକ ଧାରଣା ଦେବାକୁ ମହେନ୍ଦ୍ରଗଡ଼ ସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟଠାରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ.ନଗେନ୍ଦ୍ରନାଥ ମହାରଣା ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧିଙ୍କୁ ଡାକି ଏକ ବୈଠକ କରି ପ୍ରକଳ୍ପ କାର୍ଯ୍ୟର ଉପକାରିତା ସମ୍ପର୍କରେ ବୁଝାଇବା ସହ ପ୍ରକଳ୍ପର ଟନେଲ କାର୍ଯ୍ୟକୁ ମଧ୍ୟ ବୁଲାଇ ଦେଖାଇଥିଲେ। ସମସ୍ତ ଜନ ପ୍ରତିନିଧି ସମ୍ପୂର୍ଣ୍ଣ ସୁରକ୍ଷା ବଳୟ ମଧ୍ୟରେ ପ୍ରକଳ୍ପର ଟନେଲ କାର୍ଯ୍ୟ ଦେଖିଥିଲେ। ଏହି ବୈଠକରେ ବୁଡି ଅଞ୍ଚଳ ମହେନ୍ଦ୍ରଗଡ଼, ଛେଲିଗଡ଼, ଅବାରସିଂ ଓ ସିଆିଲିଟି ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସମେତ ବ୍ଲକ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲା ପରିଷଦ ଦଣ୍ଡପାଣି ବଡ଼ମୁଣ୍ଡି, ଯମୁନା ଦଳବେହେରା, ପୂର୍ଣ୍ଣ ଚନ୍ଦ୍ର ଗମାଙ୍ଗ, କୁମୁଦିନି ଗମାଙ୍ଗ, ଦ୍ରୌପତି ରଇତ, ଗୀତାଞ୍ଜଳି ରଇତ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅଭିମନ୍ୟୁ ପାଇକଙ୍କ ସମେତ ପ୍ରକଳ୍ପର ସମସ୍ତ ଅଧିକାରୀ ଉପସ୍ଥିତ ରହି ଜନ ପ୍ରତିନିଧିଙ୍କୁ ପ୍ରକଳ୍ପ ସମ୍ପର୍କରେ ବୁଝାଇଥିଲେ।

## ପେନ୍ ଚିନ୍ ଲାମାଙ୍କୁ ଅପହରଣ ପ୍ରତିବାଦରେ ଅନଶନ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ପରେ ୧୧ ତମ ଧର୍ମଗୁରୁ ଭାବେ ତିବ୍ବତୀୟ ସମାଜର ପ୍ରତିନିଧିତ୍ୱ କରିବା ପାଇଁ ଦଲାଇଲାମାଙ୍କ ସୁପାରିଶ କ୍ରମେ ନାମ ପାଇଥିବା ଗେଡୁନ୍ ଛୋକି ନିମା (୧୧ତମ ପେନ୍ ଚିନ୍ ଲିମା)ଙ୍କୁ ଚାଇନା ଅପହରଣ କରିନେଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ମୋହନା ବ୍ଲକ ସଦର ମହକୁମା ମୋହନାଠାରେ ଚନ୍ଦ୍ରଗିରି ତିବ୍ବତୀୟ ମହିଳା ସଂଘ ପକ୍ଷରୁ ଅନଶନ ଏବଂ ପ୍ରତିବାଦ କରାଯାଇଛି। ସୂଚନା ପ୍ରକାରେ, ୧୧ ତମ ପେନ୍ ଚିନ୍ ଲାମା ହେଉଛନ୍ତି ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ। ସେ ବିଚକ୍ଷଣ ପ୍ରତିଭାର ଅଧିକାରୀ ହୋଇଥିବା ଯୋଗୁ ଦଲାଇଲାମା ତାଙ୍କୁ ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ। କିନ୍ତୁ ଚାଇନା ପେନ୍ ଚିନ୍ ଲାମାଙ୍କ ସହ ତାଙ୍କ ପରିବାରକୁ ୧୯୯୫ରେ ଅପହରଣ କରି ବନ୍ଦୀ କରି ରଖିଥିବା ତିବ୍ବତୀୟମାନେ ଅଭିଯୋଗ କରିବା ସହ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ତିବ୍ବତକୁ ଦେଉନଥିବା ଅଭିଯୋଗ ହୋଇଛି।

## ଅନାଥ ପରିବାରକୁ ସମବେଦନା ଜଣାଇଲେ ବ୍ଲକ ଅଧ୍ୟକ୍ଷ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)

ମୋହନା ବ୍ଲକ ଶିକୁଲିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାମପଦର ଗ୍ରାମର ମୃତ ପଞ୍ଚୁ ମଳିକଙ୍କ ପରିବାରକ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ସମବେଦନା ଜଣାଇଛନ୍ତି। ରାମପଦର ଗ୍ରାମର ପଞ୍ଚୁ ମଳିକ ଗତ ତିନି ମାସରୁ ଉର୍ଦ୍ଧ୍ୱ ଆନ୍ଧ୍ରପ୍ରଦେଶର ବିଜୟୱାଡା ନିକଟସ୍ଥ ଆଡୁବାଲୀ ଗ୍ରାମର ଏକ କୁକୁଡ଼ା ଫାର୍ମରେ ଦିନମଜୁରିଆ ହିସାବରେ କାର୍ଯ୍ୟ କରୁଥିଲେ। ସେଠାରେ ତାଙ୍କର କୌଣସି କାରଣରୁ ଦେହାନ୍ତ ହୋଇଥିଲା। ଗତ ୧୬ରେ ପଞ୍ଚୁଙ୍କ ମୃତଦେହ କୁକୁଡ଼ା ଫାର୍ମ ମାଲିକ ନିଜ ଖର୍ଚ୍ଚରେ ଗ୍ରାମରେ ପହଞ୍ଚାଇଥିଲେ। ଗ୍ରାମରେ ପରିବାର ଲୋକ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ମୃତ ପଞ୍ଚୁଙ୍କ ବର୍ତ୍ତମାନ ବିଧବା ପତ୍ନୀଙ୍କ ସହ ଚାରି ଜଣ ନାବାଳକ ପିଲା ଅଛନ୍ତି। ସେଥିମଧ୍ୟରୁ ଝିଅ ତିନିଜଣଙ୍କ ସହ ତିନି ବର୍ଷର ଏକ ପୁଅ ଅଛି। ପରିବାରର ମୁଖ୍ୟ ମୂଳ ଲାଗିଲେ ପରିବାର ଦୁଃଖ କଷ୍ଟେ ଚଳୁଥିଲା। ସେ ଅକାଳରେ ମୃତ୍ୟୁବରଣ କରିବା ପରେ ସେହି ଅନାଥ ପରିବାର ବହୁ ଅସୁବିଧାରେ ଚଳୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ଏକ ଛାତ ନାହିଁ। ମଙ୍ଗଳବାର ଏହି ଖବର ପାଇ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ସେହି ଗ୍ରାମକୁ ଗସ୍ତ କରି ବେସାହାରା ହୋଇଥିବା ପରିବାର ସହ ମିଶି ସମବେଦନା ଜଣାଇବା ସହ ସରକାରଙ୍କ ନିୟମ ଅନୁସାରେ ସମସ୍ତ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

# ଆକାଂକ୍ଷୀ ଜିଲା କନ୍ଧମାଳରେ ବିଭିନ୍ନ ପ୍ରତିଯୋଗିତା

ଫୁଲବାଣୀ ଅଫିସ, ୧୮।୫

ସ୍ୱାଧୀନତାର ୭୫ ତମ ବର୍ଷକୁ ଆଜାଦୀ କି ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି। ନୀତି ଆୟୋଗର ସୁପାରିଶ ଅନୁଯାୟୀ ସମସ୍ତ ଆଙ୍କାକ୍ଷୀ ଜିଲା ଏହି ଅବସରରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହି କ୍ରମରେ କନ୍ଧମାଳ ଜିଲାର ସମସ୍ତ ବ୍ଲକରେ ଏବଂ ଜିଲା ସଦର ମହକୁମା ଫୁଲବାଣୀରେ ଜିଲା ପ୍ରଶାସନ ପକ୍ଷରୁ ତର୍କ, ପ୍ରବନ୍ଧ ଓ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏସବୁ ପ୍ରତିଯୋଗିତାଗୁଡ଼ିକୁ ବ୍ଲକସ୍ତରରେ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲାସ୍ତରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆୟୋଜନ କରିଥିଲେ। ପ୍ରତି ବ୍ଲକରୁ ପ୍ରତି ବିଭାଗରୁ ସର୍ବଶ୍ରେଷ୍ଠ ପ୍ରତିଯୋଗୀ ଜିଲାସ୍ତରରେ ଭାଗ ନେଇଥିଲେ। ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅନ୍ୱେଶା ମହାପାତ୍ର, କ.ନୂଆଗାଁ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଡୁତୁଲିର ଛାତ୍ରୀ ଜିଜ୍ଞାସା ପ୍ରିୟଦର୍ଶିନୀ ସାହାଣୀ ଓ ଟିକାବାଲି ବ୍ଲକ ଆଦର୍ଶ ବିଦ୍ୟାଳୟ ସଲପଙ୍ଗାର ଛାତ୍ର ସାଇସଙ୍କେତ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେମାନଙ୍କୁ ଯଥାକ୍ରମେ ୧୦ହଜାର, ୬ହଜାର ଓ ୪ହଜାର ଟଙ୍କାର ଚେକ୍ କନ୍ଧମାଳ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ପ୍ରଦାନ କରିଥିଲେ। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ଫୁଲବାଣୀ ପବ୍ଲିକ ସ୍କୁଲ୍ ଛାତ୍ରୀ ସ୍ମୃତି ସୁହାନି ପଣ୍ଡା, କୋଟଗଡ଼ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚକାପାଦର ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ୫ହଜାର, ୩ହଜାର ଓ ୨ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। କଳା ପ୍ରତିଯୋଗିତାରେ କ.ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଡୁତୁଲିର ଛାତ୍ରୀ ସାଇନା ସାଲୋନିକା ମହାରଣା, ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍କରାଖୋଲର ଛାତ୍ର ସୌରଭ କୁମାର ଦିଗାଲ ଓ ଫୁଲବାଣୀ ବ୍ଲକ କେନ୍ଦୁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଗିରିଶ ଦୀପ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୫ହଜାର, ୩ହଜାର ଓ ୨ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାର ସରକାରୀ ପଦାଧିକାରୀମାନଙ୍କୁ ନେଇ ମଧ୍ୟ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଫିରିଙ୍ଗିଆ ତହସିଲଦାର୍ ପୁନମ୍ ରାଉତ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ରାଜସ୍ୱ ବରିଷ୍ଠ କିରାଣୀ ମାନସୀ ବେହେରା ଓ ସହକାରୀ ମତ୍ସ୍ୟ ଅଧିକାରିଣୀ ଆଶାଲକ୍ଷ୍ମୀ ନରେନ୍ଦ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସରକାରଙ୍କର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିବାରୁ ରାଇକିଆ ବିଡିଓ ସ୍ମରଣିକା ତୁଲୋ ଜିଲାର ସର୍ବଶ୍ରେଷ୍ଠ ବ୍ଲକ୍ ଆଧାରରେ ଅତିରିକ୍ତ ଜିଲାପାଳଙ୍କ ଠାରୁ ୫୦ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

# ସପ୍ତମ ବେତନ ପ୍ରଦାନ ଦାବି

ବ୍ରହ୍ମପୁର ଅଫିସ,୧୮।୫

ଗଞ୍ଜାମ ଜିଲା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସପ୍ତମ ବେତନ ପ୍ରଦାନ ଦାବି କରି ବୁଧବାର ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ଓଡ଼ିଶା ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ପାଇଁ ନୂତନ ଅନୁଦାନ ନୀତି ୨୦୨୧ ପ୍ରଣୟନ ହୋଇଥିବା ସତ୍ତ୍ୱେ ଆଜି ଯାଏ ରାଜ୍ୟ ସରକାର ଶିକ୍ଷକ କର୍ମଚାରୀଙ୍କୁ ଚଞ୍ଚକତା ପୂର୍ବକ ଅନୁଦାନ ନୀତିକୁ ବାଟବଣା କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଗତ ୧୩ ତାରିଖରେ ଯେଉଁ ପଦ୍ଧତି ନିର୍ଦ୍ଧାରଣ କଲେ ତାହା ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀଙ୍କୁ ହତାଶ କରିଥିବା ସଂଘ ଅଭିଯୋଗ କରିଛି। ଏହି ମୋଡାଲିଟି ବିରୋଧରେ ରାଜ୍ୟ ମିଳିତ ମଞ୍ଚର ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲା ଶିକ୍ଷାଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ତୁରନ୍ତ ଅବିକଳ ବେତନ ପ୍ରଦାନ ନ କଲେ ଆଗାମୀ ଦିନରେ ରାଜ୍ୟ ଓ ଜିଲାସ୍ତରରେ କଲମ ଛାଡ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ବିଜୟ କୁମାର ବେହେରା, ମିଳିତ ମଞ୍ଚ ଆବାହକ ଲିଙ୍ଗରାଜ ସ୍ୱାଇଁ, ପ୍ରଶାନ୍ତ ପତି, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ, ବିଜୟ ଚନ୍ଦ୍ର ମହାରଣା, ଅଶୋକ ଦଳାଇ, ରାମଚନ୍ଦ୍ର ପୋଲାଇ ଓ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନେ ।

## ଯୁବକ ମୃତ ଘଟଣାରେ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,(ଡି.ଏନ.ଏ.)-ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝରପଲି ଗ୍ରାମରେ ମେ ୬ରେ ଶଙ୍କର ପ୍ରଧାନ ଓ କୃଷ୍ଣ ପ୍ରଧାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ଶଙ୍କର ପ୍ରଧାନ ଉତ୍କ୍ଷିପ୍ତ ହୋଇ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଫଳରେ କୃଷ୍ଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପ୍ରଥମେ ଆହତଙ୍କୁ ଖଲିକୋଟ ପରେ ବ୍ରହ୍ମପୁର ଏବଂ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କ ମୃତ୍ୟୁ ହୋଇଛି। ଏନେଇ କୃଷ୍ଣଙ୍କ ମା' ମୋଚିଆଲି ପ୍ରଧାନ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୮/୨୨ରେ ଏକ ମାମଲା ରୁଜୁ କରି ବୁଧବାର ଶଙ୍କରଙ୍କୁ କୋର୍ଟଚାଲାଣ କରିଛି।



**ସଂକ୍ଷେପରେ**

### ଅନ୍ତେବାସୀଙ୍କୁ ଖେଳ ଉପକରଣ ବଣ୍ଟନ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)-ମୋହନା ବ୍ଲକର କଣ୍ଟେଇକୋଲି ଗ୍ରାମଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର ଓ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ବୁଧବାର ପରିଚାଳନା କମିଟି ଓ ବିଦ୍ୟାଳୟର ଷ୍ଟାଫ୍‌ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସାମୂହିକ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପସଭାପତି ଶରତ କୁମାର ମଲ୍ଲିକ ଓ ସମ୍ପାଦକ ଦଣ୍ଡାସି ସାହୁ ଅନ୍ତେବାସୀମାନଙ୍କୁ ବିଭିନ୍ନ ଖେଳ ଉପକରଣ ସହ ପାଣି ରଖିବା ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ପିଲାମାନେ ମଧ ଖୁସିରେ ଏସବୁ ଗ୍ରହଣ କରିଥିଲେ।

### କାଶୀନଗରରେ ଠାକୁରାଣୀ ପର୍ବ

କାଶୀନଗର,୧୮।୫-କରୋନା ଯୋଗୁ ଗତ ଦୁଇବର୍ଷ ଧରି କୌଣସି ପର୍ବ ଅନୁଷ୍ଠିତ ହୋଇପାରି ନ ଥିଲା। ବର୍ତ୍ତମାନ ପର୍ବ କରିବା କଟକଣା ନ ଥିବାରୁ କାଶୀନଗରର ବିଭିନ୍ନ ଗ୍ରାମ କିଡ଼ିଗାଁ, ବାଡ଼ିଗାଁ, ଖାଡ଼ା, ହାଡ଼ୁଭାଙ୍ଗି, କାଶୀନଗରସ୍ଥିତ ଠାକୁରାଣୀ ମନ୍ଦିରଗୁଡ଼ିକରେ ମହାସମାରୋହରେ ଠାକୁରାଣୀ ପର୍ବ ପାଳିତ ହେଉଛି। ଦୈନିକ ମା'ଙ୍କ ପୂଜା, ଘଟ ପରିକ୍ରମା କରାଯାଉଛି। ନୃତ୍ୟ ସହ ସନ୍ଧ୍ୟାରେ ନାଟକ, ଡ୍ୟାନ୍ସମାନ ପରିବେଷଣ କରାଯାଉଛି। ନବରାତ୍ର ପୂଜା ପରେ ବୁଧବାର ପର୍ବ ଉଦ୍‌ଯାପିତ ହୋଇଯାଇଛି। ଦୈନିକ ଅଞ୍ଚଳ ସମେତ ପଡ଼ୋଶୀ ଆନ୍ଧ୍ରର ମଧ ଭକ୍ତ ପର୍ବ ଦର୍ଶନ କରିବାକୁ ଆସିଥାନ୍ତି।

### ୮୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)-ଏସ୍‌ଡିପିଓ ଦିଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆର. ଉଦୟଗିରି ଥାନା ଏସ୍‌ଆଇ ମୁକେଶ ଲାକ୍ରା, ଏସ୍‌ଆଇ ଏ.କେ. ମିଶ୍ର ଓ ତାଙ୍କ ଟିମ ମହେନ୍ଦ୍ରଗଡ଼, ଛେଲିଗଡ଼ ଅଞ୍ଚଳରେ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌ରୁ ୮୬ କିଲୋ ଗଞ୍ଜେଇ ଜବତ କରିଛନ୍ତି। ମକାପଦା ଛକ ନିକଟରେ ଥିବା ଘୁଙ୍ଗିମନ୍ଦିର ନିକଟରେ କାର୍ ନମ୍ବରପ୍ଲେଟ ନ ଥିବା ଦେଖି ଅଟକାଇ ଯାଞ୍ଚ କରିବା ବେଳେ ତିନୋଟି ପ୍ଲାଷ୍ଟିକ ଅଖାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଗଞ୍ଜେଇକୁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଓଜନ କରାଯାଇ ଏଥିରେ ସମ୍ପୃକ୍ତ ଥିବା ନୂତନଗଡ଼ ଗ୍ରାମର ନୂତନ ପାଣି (୩୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ଆର.ଉଦୟଗିରି ଥାନା ନଂ. ୬୬/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ଭଞ୍ଜନଗର,୧୮।୫(ଡି.ଏନ.ଏ)-ଭଞ୍ଜନଗର ଥାନା ଅନ୍ତର୍ଗତ ଖାରାଗୁଡାଠାରେ ନିର୍ମାଣାଧୀନ ଟୋଲ ଗେଟଠାରେ ବୁଧବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ମଳାସପଦର ଗ୍ରାମର। ତାଙ୍କୁ ବିପଦର ବନ୍ଧୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ବୁଧବାର ଗଞ୍ଜାମ-କନ୍ଧମାଳ ଜିଲ୍ଲା ସୀମାନ୍ତ କଳିଙ୍ଗା ଘାଟିରେ ଏକ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଉଭୟ ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

### ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର,୧୮।୫(ଡି.ଏନ.ଏ.)-ଗୋଳନ୍ଥରା ଥାନା ଅଧୀନ ରଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ (୨୬)। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡା ଅଞ୍ଚଳର ଗୋପାଳକୃଷ୍ଣ ପାଢ଼ୀ ବାଇକ ଯୋଗେ ପାତ୍ରପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବୁ ଦିନ କାର୍ଯ୍ୟରେ ଆସନ୍ତି। ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ସାରି ବାଇକ ଯୋଗେ ଗୋପାଳକୃଷ୍ଣ ଘରକୁ ଆସୁଥିବା ବେଳେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ପଡି ଗୋପାଳକୃଷ୍ଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ହରିକୃଷ୍ଣ ପାଢ଼ୀଙ୍କ ଅଭିଯୋଗ କ୍ରମେ ନଂ. ୧୬୧/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ଜବତ କରିଛି।

# କେଏସୟୁବି, ସାବିତ୍ରୀ ମହାବିଦ୍ୟାଳୟରେ ୧୦ ଅଧ୍ୟାପକ ନିଯୁକ୍ତ

## ବିଏଡ୍ କଲେଜରେ ହେବ ନାମଲେଖା, ୩ କୋଟି ମଞ୍ଜୁର

ଭଞ୍ଜନଗର,୧୮।୫(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୬୩୮ଜଣ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରେ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ୪ ଜଣ ଏବଂ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ(କେଏସ୍‌ୟୁବି) ମହାବିଦ୍ୟାଳୟରେ ୬ ଜଣ ଅଧ୍ୟାପକ ନିଯୁକ୍ତି ପାଇଛନ୍ତି। ସାବିତ୍ରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ଜଣେ, ଅର୍ଥନୀତିରେ ଜଣେ, ଗଣିତରେ ଜଣେ ଏବଂ ପଦାର୍ଥ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ନିଯୁକ୍ତି ପାଇଛନ୍ତି। ସେହିପରି କେଏସ୍‌ୟୁବି କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗରେ ଜଣେ, ରସାୟନ ବିଜ୍ଞାନରେ ଜଣେ, ପଦାର୍ଥ ବିଜ୍ଞାନରେ ୨ ଜଣ, ବାଣିଜ୍ୟରେ ଜଣେ ଏବଂ ଗଣିତରେ ଜଣେ ଅଧ୍ୟାପକ ନିଯୁକ୍ତି ପାଇଛନ୍ତି । କଲେଜଗୁଡ଼ିକୁ ବୁଧବାର ଏ



କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ।

ସମ୍ପର୍କିତ ଚିଠି ଆସିଛି। ଏଥିସହ ଆସନ୍ତା ୩୦ ତାରିଖ ସୁଦ୍ଧା ରାଜନୀତି ବିଜ୍ଞାନ ଏବଂ ଇଂଲିଶ ବିଭାଗରେ ଖାଲିଥିବା ପଦବୀଗୁଡିକ ପୂରଣ ପାଇଁ ପ୍ରକ୍ରିୟା ଚାଲିଛି। ଅପରପକ୍ଷରେ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଏନସିଟିଇର ଅନୁମୋଦନ ନ ଥିବା ଯୋଗୁ ଗତ ଦୁଇବର୍ଷ ହେବ ନାମଲେଖା ବନ୍ଦ ଥିଲା । ଚଳିତବର୍ଷ ଏନ୍‌ସିଟିଇର କିଭଳି ଅନୁମୋଦନ ମିଳିବ ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। କମ ଦିନ ମଧ୍ୟରେ ରାଜ୍ୟରେ ବିଭିନ୍ନ ବିଏଡ କଲେଜରେ ଖାଲିଥିବା ୩୮୫ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହେବ। ଏଥିପାଇଁ ନିଯୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗଣିତ ଓ ଭୂଗୋଳ ପାଇଁ ଚୟନ ପ୍ରକ୍ରିୟା ସରିଛି। ଭଞ୍ଜନଗର ବିଏଡ କଲେଜରେ ଖାଲିଥିବା ୧୩ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ମଧ୍ୟ କମ ଦିନରେ ପୂରଣ ହେବା ଆଶା କରାଯାଉଛି। ବିଏଡ୍ କଲେଜର ବାଳିକା ଏବଂ ବାଳକ ଛାତ୍ରାବାସ, ପାଚେରୀ, ନୂତନ କ୍ୱାର୍ଟର୍ସ ସମେତ ଅନ୍ୟାନ୍ୟ କାମ ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାର କାମ ଆରମ୍ଭ ପାଇଁ ପ୍ରକ୍ରିୟା ଚାଲିଛି। ବିଏଡ୍ କଲେଜ ଅଧ୍ୟକ୍ଷା ଡ. ସରୋଜିନୀ ବରାଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଚଳିତ ଶିକ୍ଷା ବର୍ଷରେ ନୂତନ ଛାତ୍ରୀଛାତ୍ର କିଭଳି ନାମ ଲେଖାଇବେ ସେ ନେଇ ସରକାର ଆବଶ୍ୟକ ପଦକ୍ଷେପ ନେଉଥିବା କହିଛନ୍ତି।

# ତାରାତାରିଣୀ ମନ୍ଦିରରେ ସ୍ୱେଚ୍ଛାସେବୀଙ୍କ ସେବା କାର୍ଯ୍ୟ


ସେବା କାର୍ଯ୍ୟ କରାଯାଉଛି।

ଛତ୍ରପୁର,୧୮।୫(ଡି.ଏନ୍.ଏ.)

ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିର ପୁନରୁଦ୍ଧାର ତଥା ନୂଆ ପ୍ରସାଦ ପ୍ରତିଷ୍ଠା ଉତ୍ସବ ଗତ ୧୫ ତାରିଖରୁ ଚାଲିଛି। ଏଥିପାଇଁ ପୀଠରେ ବିଭିନ୍ନ ସ୍ଥାନରୁ ଆସୁଥିବା ଭକ୍ତଙ୍କ ଭିଡ଼ ଲାଗିରହିଛି। ଏହି ପରିପ୍ରେକ୍ଷୀରେ ସେଠାରେ କିଛି ସେବା କାର୍ଯ୍ୟ କରିବା ପାଇଁ ଛତ୍ରପୁର ଏସଡିଜେଏମ କୋର୍ଟର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଓ ତାଙ୍କର ସହଯୋଗୀ ଛତ୍ରପୁର ସ୍ୱେଚ୍ଛାସେବୀମାନେ ମନସ୍ଥ କରିଥିଲେ। ଏହି କ୍ରମରେ ପ୍ରତିଦିନ ୧୦ ଜଣ ସ୍ୱେଚ୍ଛାସେବୀ ତାରାତାରିଣୀ ମନ୍ଦିର ଯାଇ ସେବା କରି ଆସୁଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଭୋର ୫ଟାରେ ୨୦ରୁ ୩୦ ସ୍ୱେଚ୍ଛାସେବୀ ଭୁବନେଶ୍ୱରସ୍ଥିତ ସେବା ପ୍ରତିନିଧି ସଙ୍ଗଠନର ମୁଖ୍ୟ ନୀଳମଣି ମିଶ୍ର ଓ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ମା'ଙ୍କ ପୀଠରେ ପହଞ୍ଚିଥିଲେ। ସେମାନେ ମନ୍ଦିର ପରିସର ପରିଷ୍କାର କରିବା ସହ ଯଥାରୀତି ସେବାୟତଙ୍କୁ ସାହାର୍ଯ୍ୟ ସହଯୋଗ କରିଥିଲେ। ପରେ ବିଧାୟକ ତଥା ମନ୍ତ୍ରୀମାନେ ଆସିବା ସମୟରେ ପୋଲିସ ସହ ମିଶି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ। ଗତ ୩ ଦିନ ହେଲା ଅବିଚ୍ଛିନ୍ନ ସେବା ଯୋଗାଇ ଆସୁଥିବାରୁ ସ୍ୱେଚ୍ଛାସେବୀମାନେ ପ୍ରଶାସନର ପ୍ରିୟପାତ୍ର ହୋଇଥିଲେ। ସେବା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ. ରାମକୃଷ୍ଣ ରେଡ୍ଡୀ, ଟିନା ରେଡ୍ଡୀ, ଟୁଟୁ ନାୟକ, ଫାର୍ମାସିଷ୍ଟ ରାକେଶ ରଞ୍ଜନ ପାଢ଼ୀ, ମାଧବ କାୟା, ଆର. ସୁମନ ପ୍ରମୁଖ ଭୂମିକା ନେଇଥିଲେ।

# ସିମନବାଡ଼ି ହାଇସ୍କୁଲରେ ବାର୍ଷିକ ଉତ୍ସବ



ମଞ୍ଚାସୀନ ଅତିଥି

ଦାରିଙ୍ଗବାଡି,୧୮।୫(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ-୨୦୨୨ ପାଳନ ହୋଇଯାଇଛି । ଏହି ଅବସରରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଶିକ୍ଷକ ସାମନ୍ତ ପ୍ରଧାନଙ୍କ ସଭା ପରିଚାଳନାରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ୧୦ନଂ ଜିଲା ପରିଷଦ ସଭ୍ୟ ରଞ୍ଜନ ପ୍ରଧାନ, ସିମନବାଡି ସମିତିସଭ୍ୟ ସାଧୁ ନାୟକ, ନାଏବ ସରପଞ୍ଚ ଏସ.ସୁନୀଲ କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଏକ ଲକ୍ଷ୍ୟ ଏବଂ ଇଚ୍ଛା ଶକ୍ତି ସହ ମାଇଣ୍ଡସେଟ୍ କଲେ ଜଣେ ସିଭିଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ କେହି ରୋକି ପାରିବେନି ବୋଲି କୁହାଯାଇଥିଲା। ବିଧାୟକ ନିଜ ପିଲାଙ୍କ ପାଇଁ ସେହି ସମୟରେ କେତେ ହଇରାଣ ହେବାକୁ ପଡୁଥିଲା ସେ ସମ୍ପର୍କରେ କହିଥିଲେ। ସମସ୍ତ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯିବା ସହ ଏବେ ସବୁ ବିଦ୍ୟାଳୟକୁ ସରକାର ସ୍ମାର୍ଟସ୍କୁଲ ଖୋଲିଛନ୍ତି। ଏବେ ସହର ପିଲାଙ୍କ ଭଳି ଜନଜାତି ପିଲାମାନେ ମଧ ଏବେ ସ୍ମାର୍ଟ ସ୍କୁଲରେ ପାଠପଢିବେ। ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ନିବିଡ ସମ୍ପର୍କ ନ ରହିଲେ ଶିକ୍ଷା ଆଗକୁ ବଢିପାରିବନି ବୋଲି କହିଥିଲେ। ସମସ୍ତ ଶିକ୍ଷକ ନିଜେ ଯେଉଁଠି ନିଯୁକ୍ତି ପାଇଛନ୍ତି ସେଠି ସେମାନଙ୍କ ପିଲାଙ୍କୁ ପାଠ ପଢାଇଲେ ହିଁ ବିଦ୍ୟାଳୟର ବିକାଶ ହେବ ବୋଲି କହିଥିଲେ। ଏହି ବାର୍ଷିକ ଉତ୍ସବରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସରପଞ୍ଚଙ୍କୁ ଡକାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିଶିର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ହୋଇଥିବା ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଏନ୍‌ପିଏସ୍ ଶିକ୍ଷକମାନଙ୍କୁ ନେଇ ବୈଠକ

ପାତ୍ରପୁର,୧୮।୫(ଡି.ଏନ.ଏ.)

ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଭୈରବୀ ଚଞ୍ଚଡାଠାରେ ପାତ୍ରପୁର ଏନ୍‌ପିଏସ୍ ଶିକ୍ଷକମାନଙ୍କୁ ନେଇ ବୁଧବାର ଏକ ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ ଶିକ୍ଷକ ସଂଘ ସଭାପତି ବି ରାମରାଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲୋକନାଥ ଦୋରା ଉପସ୍ଥିତ ଥିଲେ । ପାତ୍ରପୁର ବ୍ଲକର ସବୁ ଶିକ୍ଷକ ଗୋଟିଏ ସଂଘରେ ରହି କାର୍ଯ୍ୟ କରିବା ତଥା ଏନ୍‌ପିଏସ ଶିକ୍ଷକ ସମୂହ ହରିପୁର ରୋଡ ଏୟୁପିଟି ଏଫ୍ ସଂଘରେ ଯୋଗ ଦେବା ନେଇ ଏନ୍‌ପିଏସ୍ ସଂଘ କାର୍ଯ୍ୟକାରୀ ସଭାପତି ଟୁଟୁ ପ୍ରଧାନଙ୍କ ପ୍ରସ୍ତାବକୁ ମିଳିତ ଭାବେ ଜିଲା ସଭାପତି ଏୟୁପିଟିଏଫ୍‌ଙ୍କୁ ଅବଗତ ନିମନ୍ତେ ଦରଖାସ୍ତ ପ୍ରେରଣ କରିଲେ ଭଲ ହେବ ବୋଲି ପ୍ରସ୍ତାବ ଦେଇଥିଲେ। ବୈଠକରେ ଶିକ୍ଷକ ଅନନ୍ତ ନାୟକ, ସଦାନନ୍ଦ ଶବର, ନାଗେଶ୍ୱର ରାଓ, ତ୍ରିପତି ଶବର, ସିଙ୍ଗାରି ସୂର୍ଯ୍ୟନାରାୟଣ, ରବି ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, ବିପିନ ବେହେରା, ସୀମାଞ୍ଚଳ ପ୍ରଧାନଙ୍କ ସହ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

### ପ୍ରିୟଦର୍ଶୀ ପଟ୍ଟନାୟକ ମେମୋରିଆଲ କ୍ରିକେଟ

## ଲେଙ୍କାଖାଲି, ଝଗଡେଇପଲୀ ବିଜୟୀ

ହିଞ୍ଜିଳିକାଟୁ,୧୮।୫(ଡି.ଏନ.ଏ.)

ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ପ୍ରେସ୍ କ୍ଲବ ହିଞ୍ଜିଳିକାଟୁ ସହଯୋଗରେ ଏମ୍‌ସିସି କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରିୟଦର୍ଶୀ ପଟ୍ଟନାୟକ ମେମୋରିଆଲ ଦିବାରାତ୍ର ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଏମ୍‌ସିସି ହିଞ୍ଜିଳିକାଟୁକୁ ୭ ଉଇକେଟରେ ହରାଇ ସିସିସି ଲଙ୍କାଖାଲି ବିଜୟୀ ହୋଇଛି। ଲଙ୍କାଖାଲି ସିସିସିର ହୁକା ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ୨ୟ ମ୍ୟାଚରେ ଆମପୁଆକୁ ୯ ଉଇକେଟରେ ହରାଇ ଝଗଡେଇପଲୀ ବିଜୟୀ ହୋଇଛି। ବିଜୟୀ ଦଳର ଲୁସାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଗୋପାଳ କୃଷ୍ଣ ସାବତ ଓ ୱାର୍ଡ ସଭ୍ୟ କିଶୋର ଚନ୍ଦ୍ର ଚୌଧୁରୀ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ପାତ୍ର, ସତ୍ୟ ପାଣିଗ୍ରାହୀ, ସୁଜିତ ସ୍ୱାଇଁ ଓ ଚିନ୍ମୟ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

# ସମ୍ମାନିତ ହେଲେ ୨ ଡାକ କର୍ମଚାରୀ

ଆସିକା,୧୮।୫(ଡି.ଏନ୍.ଏ.)

ଓଡିଶା ସର୍କଲ ଡାକ ବିଭାଗରେ ଉଲ୍ଲେଖନୀୟ ସେବା ଲାଗି ଆସିକା ଡାକମଣ୍ଡଳରେ କାର୍ଯ୍ୟରତ ୨ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଆସିକା ମୁଖ୍ୟ ଡାକଘରର ଅନିଲ କୁମାର ପାଢୀ ଓ ଭଞ୍ଜନଗର ମୁଖ୍ୟ ଡାକଘରର ସହକାରୀ ପୋଷ୍ଟମାଷ୍ଟର ଗୀତାଞ୍ଜଳି ମହାରଣା । ଗୀତାଞ୍ଜଳିଙ୍କୁ ରାଜ୍ୟର ଶ୍ରେଷ୍ଠ ମହିଳା ଡାକ କର୍ମଚାରୀ ଭାବେ ଓ ଅନିଲଙ୍କୁ ରାଜ୍ୟର ଶ୍ରେଷ୍ଠ ଡାକ ସହାୟକ ଭାବେ ସମ୍ମାନିତ କରାଯାଇଛି । ବୁଧବାର ପୁରୀ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶା ସର୍କଲ ଚିଫ ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ କୁମାର ସ୍ୱାଇଁ ଏହି ଦୁଇ କର୍ମଚାରୀଙ୍କୁ ଡାକ ସେବା ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ରାଜ୍ୟସ୍ତରରେ ଆସିକା ଡାକମଣ୍ଡଳର ଏହି ଦୁଇ କର୍ମଚାରୀଙ୍କ ସଫଳତା ଲାଗି ଆସିକା ଡାକମଣ୍ଡଳର ଭାରପ୍ରାପ୍ତ ଡାକ ଅଧିକ୍ଷକ ସ୍ମିତା ମହାପାତ୍ର, ଭଞ୍ଜନଗର ହେଡପୋଷ୍ଟ ମାଷ୍ଟର ନିତ୍ୟାନନ୍ଦନାଥ ଶର୍ମା, ଆସିକା ହେଡ ପୋଷ୍ଟ ମାଷ୍ଟର ଜିତେନ୍ଦ୍ର ସ୍ୱାଇଁ, ବ୍ୟବସାୟିକ କାର୍ଯ୍ୟନିର୍ବାହୀ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଡାକ କର୍ମଚାରୀ ସଂଘର ସମ୍ପାଦକ ବସନ୍ତ କୁମାର ପାଠୀ, ସହସମ୍ପାଦକ ସୀମାଞ୍ଚଳ ମହାରଣା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଚୋରା ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୧୮।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରରେ ଅବକାରୀ ସଦର ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ସ୍ଥାନୀୟ ଖଞ୍ଜାମାଦିକା ସାହି ନିକଟରେ ଜଣେ ମହିଳାଙ୍କୁ ସନ୍ଦେହରେ ପଚରାଉଚରା କରିବା ସହ ସେ ଧରିଥିବା ଏକ ଜରି ଅଖାବ୍ୟାଗକୁ ଯାଞ୍ଚ କରିଥିଲେ। ସେଥିରେ ୧୯ଲିଟର ପରିମାଣର ଚୋରା ଦେଶୀ ରନ୍ଧା ମଦ ପାଉଚ ଗୁଡିକ ଥିବାର ଦେଖି ମହିଳା ଗିରଫ କରାଯାଇଛି। ସେହିପରି ସହର ଉପକଣ୍ଠସ୍ଥ ତୁଳସୀପାଡୁ ଗ୍ରାମ ନିକଟରେ ଚଢଉ କରାଯାଇ ୮୬୦ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରାଯାଇଥିବାବେଳେ ୪୦ଲିଟର ଚୋରା ଦେଶୀ ରନ୍ଧା ମଦକୁ ଜବତ କରାଯାଇଛି। ଏହି ପାଟ୍ରୋଲିଂ ଦଳରେ ସଦର ଅବକାରୀ ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ବୃନ୍ଦାବନ ପ୍ୟାଲେସ୍ ରାସ୍ତା ଅବସ୍ଥା ସୁଧୁରୁନି

## ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

ପାରଳାଖେମୁଣ୍ଡି,୧୮।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ଐତିହାସିକ ପର୍ଯ୍ୟଟନସ୍ଥଳୀ ବୃନ୍ଦାବନ ପ୍ୟାଲେସ୍‌କୁ ଯିବା ପାଇଁ ମହେନ୍ଦ୍ରତନୟା ନଦୀ ବ୍ରିଜ୍ ପଟେ ଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇଛି। ଏହି ରାସ୍ତାର ଦୁରବସ୍ଥା ସୁଧୁରିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବୃନ୍ଦାବନ ପ୍ୟାଲେସ୍‌କୁ ଯିବା ପାଇଁ ଦୁଇଗୋଟି ରାସ୍ତା ରହିଛି । ଗୋଟିଏ ହେଲା ଆଞ୍ଚଳିକ ପରିବହନ ଛକଠାରୁ ଏବଂ ଦ୍ୱିତୀୟଟି ପୁରୁଣାପାଟଣା ରାସ୍ତା ତଥା ମହେନ୍ଦ୍ରତନୟା ନଦୀ ବ୍ରିଜ୍‌ଠାରୁ ଅନ୍ୟଗୋଟିଏ ରାସ୍ତା। ମହେନ୍ଦ୍ରତନୟା ବ୍ରିଜ୍ ପଟରୁ ଥିବା ରାସ୍ତା ଏହି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ ରହିଛି। ଏହାସହ ଏହି ରାସ୍ତାରେ ଶ୍ମଶାନଘାଟର ମୁଖ୍ୟ ଗାଧୁଆତୁଠ ମଧ ରହିଛି। ହେଲେ ରାସ୍ତାର ଅବସ୍ଥା ଅତି ଦୟନୀୟ ରହିଥିବାରୁ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜୁଛି । ଏହି ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଭୁଲିଯାଇଛନ୍ତି।


ରାସ୍ତାରେ କାଦୁଅ ଭର୍ତ୍ତି ହୋଇଛି।

ପ୍ରାୟ ୨ ଦଶନ୍ଧି ଧରି ଏହା ମରାମତି କିମ୍ବା ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିରହିଛି। ଏହି ନଦୀ ବ୍ରିଜ୍ ତଥା ପମ୍ପହାଉସ୍‌ଠାରୁ ଶ୍ମଶାନଘାଟର ଗାଧୁଆତୁଠ ପର୍ଯ୍ୟନ୍ତ ବଦାନ୍ୟ ବ୍ୟକ୍ତିମାନେ ନିଜ ନିଜ ଉଦ୍ୟମରେ ମାଟି ଗୋଡି ପକାଇ ସମତୁଲ କରିଥାନ୍ତି। ହେଲେ ସେଠାରୁ ବିଏନ୍‌ପ୍ୟାଲେସ୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବେହାଲ ହୋଇପଡିଛି । ଅନ୍ୟପକ୍ଷରେ ମାଟିଗୋଡି ପକାଇ ସମତୁଲ କରାଯାଉଥିବା ସ୍ଥାନରେ ପାଣି ଜମିରହି କର୍ଦ୍ଦମାକ୍ତ ହୋଇପଡିଛି । ଏପରିକି ପାଦରେ ଚାଲି ଯିବା ଆସିବା କରିବାକୁ ଲୋକେ ଭୟ କରୁଛନ୍ତି । ଏପରି ଏକ ପର୍ଯ୍ୟଟନସ୍ଥଳୀ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ରାଜା କିଶୋର ଚନ୍ଦ୍ର ସିଂହ ଦେଓଙ୍କ ଶ୍ରାଦ୍ଧବର୍ଷିକୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଧରାକୋଟ,୧୮।୫(ଡି.ଏନ୍.ଏ.)

ଧରାକୋଟ ସ୍ଥିତ କଳା ବିକାଶ କେନ୍ଦ୍ରଠାରେ ରାଜା କିଶୋର ଚନ୍ଦ୍ର ସିଂହ ଦେଓଙ୍କ ୧୨ତମ ଶ୍ରାଦ୍ଧବର୍ଷିକୀ ପାଳିତ ହୋଇଯାଇଛି। ପ୍ରଭାତରୁ ରାଜବାଟି ପରିସରରେ ତିଳ ତର୍ପଣ, ନିରବ ପ୍ରାର୍ଥନା ଓ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କଳା ବିକାଶ କେନ୍ଦ୍ରଠାରେ କିଶୋର ଚନ୍ଦ୍ର ସ୍ମୃତି ସଂସଦ ତରଫରୁ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଶିକ୍ଷାବିତ ବିମଳ ପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଳବନ୍ତ ସିଂହ ଏବଂ ଜିଲା ଉପସଭାପତି ରବୀନ୍ଦ୍ର ଘୋଷ, ବିଜେଡି ବ୍ଲକ ସଭାପତି ସଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ୩୦ଜଣ ବିଭିନ୍ନ ପ୍ରତିଭାଧାରି ବ୍ୟକ୍ତିଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକ୍ରମ ପଣ୍ଡା ଓ ଶିକ୍ଷକ ସୁରେଶ ସାର ସଂଯୋଜନା କରିଥିବା ବେଳେ ଖବରଦାତା ହୃଦାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ସରିଛି ଏଗ୍ରିମେଣ୍ଟ

# ଅର୍ଥ ଜମା କରିଥିଲେ ବି ମିଳୁନି ଦାୟିତ୍ୱ

## ହତାସରେ ମହିଳା ମଣ୍ଡଳ

ଆର.ଉଦୟଗିରି,୧୮।୫(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମହିଳା ସଶକ୍ତୀକରଣ ପାଇଁ ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆଗରେ ରଖାଯାଉଛି ଏବଂ ବିଭିନ୍ନ ଯୋଜନା ଲୋକାର୍ପଣ କରିଛନ୍ତି ରାଜ୍ୟ ସରକାର। ହେଲେ ତାହାକୁ ଅଣଦେଖା କରୁଛନ୍ତି ବିଦ୍ୟାଳୟ ପ୍ରଧାନ ଶିକ୍ଷକ। ମୋହନା ବ୍ଲକ ଅଡ଼ବାର ମହିଳା ମଣ୍ଡଳ ଗ୍ରୁପ ଏଗ୍ରିମେଣ୍ଟ କରି ଅର୍ଥ ଜମା କରିଥିଲେ ମଧ ମହିଳା ସଂଘକୁ ମଧ୍ୟାହ୍ନ ଭୋଜନ ରୋଷେଇ ଦାୟିତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ସ୍ୱୟଂ ସହାୟକ ମହିଳା ସଂଘ। ଗଜପତି ଜିଲା ଅଡ଼ବା ସରକାରୀ ଉଚ୍ଚ ବିଦ୍ୟାଳୟରେ ରୋଷେଇ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟିକା ମହିଳା ସଂଘ ଗତ ୨୦୨୧, ଏପ୍ରିଲ ମାସରେ ଚୁକ୍ତି କରି ଅଗ୍ରିମ ଆକାରରେ ବିଇଓଙ୍କ ଜରିଆରେ ୧ ଲକ୍ଷ ୩ ହଜାର ଟଙ୍କା ବ୍ୟାଙ୍କରେ ଜମା କରିବା ପରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ବିଡିଓ ମହିଳା ସଂଘକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ, ନିର୍ଦ୍ଦେଶ ପତ୍ର ପାଇବା ଗୋଟିଏ ବର୍ଷେ ବିତିଯାଇଥିଲେ ମଧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେହେରା ମହିଳା ସଂଘକୁ ରୋଷେଇ ଦାୟିତ୍ୱ ନ ଦେଇ ନିଜେ ରୋଷେଇ ଦାୟିତ୍ୱ ବହନ କରୁଛନ୍ତି। ଏପରିକି ମହିଳା ସଂଘ ରୋଷେଇ କରିବାକୁ ଦାୟିତ୍ୱ ମାଗିଲେ ପ୍ରଧାନ ଶିକ୍ଷକ ସେମାନଙ୍କୁ ଭୟଭୀତ କରାଇ କହୁଛନ୍ତି ଗାଇଡ ଲାଇନରେ ରହିଛି ରୋଷେଇ ଦାୟିତ୍ୱ ଯିଏ ନେବ ସେ ଚାଉଳ, ପନିପରିବା କିଣିବା ସହ କାଗଜପତ୍ର ତଦାରଖ କରିବେ। ଯାହାକୁ ନେଇ ମହିଳା ସଂଘର ସଦସ୍ୟାମାନେ ଅସନ୍ତୋଷ ପ୍ରକାଶ କରିବା ସହ ବିଇଓଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଶୀଘ୍ର ସମସ୍ୟାର ସମାଧାନ କରି ମହିଳା ସଂଘକୁ ରୋଷେଇ ଦାୟିତ୍ୱ ଦିଆଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ସଂଘ ସଭାନେତ୍ରୀ କବିତା ଡାକୁଆ କହିଛନ୍ତି ବିଦ୍ୟାଳୟ ଖୋଲି ମଧ୍ୟାହ୍ନ ଭୋଜନ ଆରମ୍ଭ ହୋଇ ଗୋଟିଏ ମାସ ବିତିଲାଣି। ପ୍ରଧାନ ଶିକ୍ଷକ ନିଜେ ରୋଷେଇ ଦାୟିତ୍ୱ ନେଇଛନ୍ତି ଏବଂ ଆମେ ମାଗିଲେ କହୁଛନ୍ତି ଚାଉଳ ଆସିଲେ ରୋଷେଇ କରିବ। ଯଦି ସରକାରୀ ଚାଉଳ ନାହିଁ କିପରି ପ୍ରଧାନ ଶିକ୍ଷକ ସରକାରୀ ଚାଉଳରେ ରୋଷେଇ କରି ଦେଉଛନ୍ତି। ମହିଳା ସଂଘକୁ ହଇରାଣ କରିବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ କିଛି କର୍ମଚାରୀ ଏଭଳି କରୁଛନ୍ତି। ଏହି ବିଷୟର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଚାଉଳ ଅଛି ରୋଷେଇ ଚାଲିଛି। ତାଙ୍କ ନାମରେ ଚାଉଳ ଆସିଲେ ଦିଆଯିବ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଏଭଳି ମହିଳା ସଂଘକୁ ଅଣଦେଖା କରିବା ଓ ତାଙ୍କୁ ଦାୟିତ୍ୱ ନ ଦେବା ଘଟଣାକୁ ନିନ୍ଦା କରିଛି ଅଞ୍ଚଳର ମହିଳା ସଂଘ। ପ୍ରଧାନ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

